# ପଲିକ୍ଲୋରିନେଟେଡ଼ - ବାଇଫିନାଇଲ(ପି.ସି.ବି)ର ହ୍ରାସ ଓ ଦୂରୀକରଣ: ଭାରତରେ ଉର୍ଜାକ୍ଷେତ୍ରର ପ୍ରାଥମିକତା ନିମନ୍ତେ ।

## ପରିଯୋଜନାର ପ୍ରଯୋଜକ

**ପରିବେଶ, ବଣ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରାଳୟ**
**(ଏମ୍.ଓ.ଇ.ଏଫ୍.ସି.ସି) ସଂଯୁକ୍ତ ରାଷ୍ଟ୍ର ଔଦ୍ୟଗିକ ଉନ୍ନତି ଅନୁଷ୍ଠାନ**
**(ୟୁ.ଏନ୍.ଆଇ.ଡ଼ି.ଓ) ଆଉ**
**ବିଶ୍ୱବ୍ୟାପୀ ପରିବେଶ ସୁବିଧା (ଜି.ଇ.ଏଫ୍)**

## ପରିଯୋଜନାର ସାଧକ:

**କେନ୍ଦ୍ରୀୟ ଉର୍ଜା ଅନୁସନ୍ଧାନ ଅନୁଷ୍ଠାନ (ସିପିଆରଆଇ)**

### ପୃଥିବୀ ପୃଷ୍ଠରେ ଜୀବନ ବିପଦରେ ଅଛି ତାହା ଆପଣ ଜାଣିଛନ୍ତି କି ?

ହଁ ! ବିଶ୍ୱବ୍ୟାପୀ ଉତାପ ବୃଦ୍ଧି (ଗ୍ଲୋବାଲ ୱାରମିଙ୍ଗ), ବିପଜ୍ଜନକ ଓ ବିଷାକ୍ତ ରାସାୟନିକ ପଦାର୍ଥ ଗୁଡ଼ିକ ପୃଥିବୀପୃଷ୍ଠରେ ନିରନ୍ତର ଜୀବନକୁ ବିପଦରେ ପକାଉଛନ୍ତି । ଅଧିକମାତ୍ରାରେ ଅଙ୍ଗାରକାମ୍ଳ ଓ ଅନେକ ବିପଜ୍ଜନକ ଓ ବିଷାକ୍ତ  ରାସାୟନିକ ପଦାର୍ଥ, ପରିବେଶକୁ ବଦଳାଇ ଅପରିବର୍ତ୍ତନୀୟ କ୍ଷତି କରୁଛନ୍ତି । ତାହା ମଧ୍ୟରୁ ଏକ ବିପଜ୍ଜନକ ଓ ସ୍ଥାୟୀ ରାସାୟନିକ ପଦାର୍ଥ ପଲିକ୍ଲୋରିନେଟେଡ ବାଇଫିନାଇଲ  (ପି.ସି.ବି.) ଅଟେ ।

### ୧) ପି.ସି.ବି ଗୁଡ଼ିକ କଣ ?

ପି.ସି.ବି ଗୁଡ଼ିକ ଏକ କୃତ୍ରିମ ଜୈବ ରାସୟନିକ ପରିବାରର ଅନ୍ତର୍ଗତ ଅଟନ୍ତି । କ୍ଲୋରିନେଟେଡ୍ ହାଇଡ୍ରୋକାରବନର ଅନ୍ତର୍ଗତ ଅଟନ୍ତି । କ୍ଲୋରିନେଟେଡ୍ ହାଇଡ୍ରୋକାରବନ ନାମିତ ଏହି ପରିବାରର ରାସାୟନିକ ପଦାର୍ଥଗୁଡ଼ିକୁ ୧୯୨୦ ଦଶକରୁ ପ୍ରାଥମିକ ରୂପେ ବିଦ୍ୟୁତଯନ୍ତ୍ରରେ ବ୍ୟାପକଭାବରେ ବ୍ୟବହାର କରାଯାଉଥିଲା । ପିସିବି ଗୁଡ଼ିକର ଉତ୍ପାଦନ ୧୯୭୦ ଦଶକରେ ବିଶ୍ୱବ୍ୟାପୀ ନିଷିଦ୍ଧ କରାଯାଇଥିଲା ।

### ୨) ପି.ସି.ବି କୁ କାହିଁକି ନିଷିଦ୍ଧ କରାଗଲା ?

ପି.ସି.ବି କର୍କଟ ରୋଗ ସମେତ ଅନେକ ପ୍ରଜନନ ପ୍ରଣାଳୀ, ପ୍ରତିରୋଧକ ପ୍ରଣାଳୀ ସ୍ନାୟୁ ପ୍ରଣାଳୀ ତଥା ଅନ୍ତସ୍ରାବୀ ପ୍ରଣାଳୀ ସମ୍ବନ୍ଧୀୟ ରୋଗର କାରଣ ହୋଇଥିବା ଦର୍ଶାଯାଇଛି ।

### ୩) ଯଦି ପି.ସି.ବି ହାନିକାରକ ତେବେ ତାହାର ବ୍ୟବହାର କାହିଁକି କରାଯାଉଥିଲା ?

ପିସିବିର ନିମ୍ନଜ୍ୱଳନଶୀଳତା, ରାସାୟନିକ ସ୍ଥିରତା, ଉଚ୍ଚସ୍ଫୁଟନାଙ୍କ  ଓ ଉତମ ବିଦ୍ୟୁତରୋଧନ ଗୁଣ ହେତୁ ତାହାକୁ ବୈଦ୍ୟୁତିକ, ତାପସ୍ଥାନନ୍ତରଣ ଓ ଜଳବାହୀ ସରଞ୍ଜାମ ସମେତ ନାନାଦି ଔଦ୍ୟଗିକ ଓ ବ୍ୟବସାୟିକ ଅନୁପ୍ରୟୋଗରେ ବ୍ୟବହାର କରାଯାଉଥିଲା । ଯଥା - ପ୍ଲାଷ୍ଟିକ ଓ ରବର ଉତ୍ପାଦନର ଜିନିଷ ଗୁଡ଼ିକରେ ପ୍ଲାଷ୍ଟିସାଇଜର ଭାବେ, ପିଗ୍ମେ□, ରଙ୍ଗ ଓ କାରବନଲେସ୍ କାଗଜରେ ଏହାର ବ୍ୟବହୃତ ହେଉଥିଲା । ତାହାର ହାନିକାରକ ପ୍ରଭାବଗୁଡ଼ିକ ୧୯୭୦ ଦଶକର ଶେଷଭାଗପର୍ଯ୍ୟନ୍ତ ଜଣାପଡ଼ିନଥିଲା ।

### ୪) ସେହି ପୁରୁଣା ପି.ସି.ବି ଗୁଡ଼ିକ କଅଣ ହେଲା ?

ସେଗୁଡ଼ିକ ପ୍ରାୟତଃ ଫୋପଡ଼ାଗଲା । ପିସିବିର ହାନିକାରକ ଗୁଣ ଲୋକଙ୍କୁ ଜଣାନଥିବା ହେତୁ, ପିସିବି ସଂଯୁକ୍ତ  ତେଲ କୃଥନ ଯନ୍ତ୍ରରେ (ବଏଲର) ଜଳାଇ ଦିଆଗଲା, ପିମ୍ପାରେ ସଂଚୟ କରାଗଲା ଏବଂ ଜଳ / ସ୍ଥଳଭାଗରେ ଫୋପଡ଼ାଗଲା । ତାହା ସତ୍ତ୍ୱେ ବହୁମାତ୍ରାରେ ପିସିବି ଟ୍ରାନ୍ସଫରମର ଗୁଡ଼ିକରେ ବ୍ୟବହାର ହେଉଛି । ବାସ୍ତବରେ ପିସିବିକୁ ସାଧାରଣ ଜ୍ୱଳନ ପ୍ରକ୍ରିୟାରେ ପରିବେଶ ସମ୍ବନ୍ଧୀୟ ଗୁରୁତ୍ୱର ପ୍ରଭାବ ବିନା ଦହନ କରାଯାଇପାରିବ ନାହିଁ । ତାହାକୁ ବିଶେଷ ଦହନ ସରଞ୍ଜାମ ଦ୍ୱାରା ୨୦୦୦ $^{\circ}$ ସେ□ଗ୍ରେଡରୁ ଉର୍ଦ୍ଧ୍ୱ ତାପମାତ୍ରାରେ ପୂର୍ଣ୍ଣରୂପେ ଜଳାଇବାକୁ ପଡ଼ିଥାଏ । ଅଧାଜଳା ପିସିବି ଅନ୍ୟ ହାନିକାରକ ରାସାୟନିକ ପଦାର୍ଥ ସୃଷ୍ଟି କରିଥାନ୍ତି ଯାହା ମାଟିରେ ମିଶିଥାଏ । ଆସନ୍ତୁ ଏବେ ଭାରତରେ ବାକିଥିବା ପିସିବିକୁ (୧୦୦୦୦ ଟନରୁ ଉର୍ଦ୍ଧ୍ୱ) ପରିବେଶ ଦୃଷ୍ଟିରୁ ସୁରକ୍ଷିତ ଭାବେ ବର୍ଜନ କରିବା । ଦୟାକରି ପିସିବିକୁ ଜଳାନ୍ତୁ ନାହିଁ ଅଥବା ଜଳ/ସ୍ଥଳରେ ଫୋପାଡ଼ନ୍ତୁ ନାହିଁ ।

### ୫) ବର୍ତ୍ତମାନ ପି.ସି.ବି କେଉଁଠି ଅଛି ?

୧୯୮୦ ଦଶକ ପୂର୍ବରୁ ତିଆରି ହୋଇଥିବା ଟ୍ରାନସଫରମର, କାପାସିଟର ବ୍ୟାଙ୍କ ଓ ଭୋଲ୍ଟେଜ୍ ରେଗୁଲେଟର ଇତ୍ୟାଦି ସରଞ୍ଜାମ ଗୁଡ଼ିକରେ ଅଥବା କାରଖାନା ଓ ସିମେଂଟରେ ବ୍ୟବହୃତ ପ୍ଲାଷ୍ଟିସାଇଜରରେ, କେବଲ, ଇନ୍ସୁଲେସନ୍, ଅଠା, ତେଲଆଧାରିତ ରଙ୍ଗରେ ପିସିବି ରହିଛି ।.

### ୬) ପି.ସି.ବି ର ଭୌତିକ ଲକ୍ଷଣ ଗୁଡ଼ିକ କ'ଣ ?

ହଳଦିଆ ଅଥବା ମାଟିଆରଙ୍ଗର ତେଲିଆ ତରଳପଦାର୍ଥ ଯାହା ସହଜରେ ଜଳେନାହିଁ ଓ ଯାହାର ଗନ୍ଧ ନାହିଁ (ମୋଟର ତେଲ ପରି ବାସିପାରେ) ତାହା ପିସିବିର ଭୌତିକ ଲକ୍ଷଣ ।

### ୭) ପିସିବିର ହାନିକାରକ ପ୍ରଭାବ:

- କର୍କଟରୋଗର କାରଣ
- ଅନୁବଂଶିକ ପରିବର୍ତ୍ତନ
- ଗୁରୁତର ଚମଡ଼ାଛାଡ଼ିବା
- ଲିଭର ନଷ୍ଟ ହେବା
- ଅନିୟମିତ ମାସିକ ଚକ୍ର
- ନିମ୍ନ ପ୍ରତିରୋଧକ ପ୍ରକ୍ରିୟା
- ନିମ୍ନ ସଞ୍ଜାନାତ୍ମକ ବିକାଶ
- ପେଟ ଓ ଥାଇରୟେଡ଼ ଗ୍ରନ୍ଥିର କ୍ଷତ
- ଅଧିକମାତ୍ରାରେ ପିସିବି ସଂସ୍ପର୍ଶରେ ଆସିଥିବା ମହିଳାଙ୍କ ଶିଶୁମାନଙ୍କଠାରେ ବିକୃତି

### ୮) ଯଦି ପି.ସି.ବି ଜଳ ଓ ସ୍ଥଳରେ ବର୍ଜନ କରାଯାଇଥାଏ ତେବେ ତାହା  ମଣିଷ ତଥା ଜୀବଜନ୍ତୁଙ୍କୁ କିପରି ସଂକ୍ରମିତ ହୋଇପାରେ ?

ପିସିବି କୌଣସି ପରିବର୍ତ୍ତନ ବିନା ବହୁ ଦୂରଦୂରାନ୍ତକୁ ବ୍ୟାପି ଯାଇପାରେ ଓ ସାଗରଭଳି ବୃହତ ଜଳଭଣ୍ଡାର ଓ ଉତରମେରୁ ଓ ଦକ୍ଷିଣମେରୁ ପରି ଅକଳ୍ପନୀୟ ସ୍ଥାନରେ ବି ପହଂଚି ଯାଇପାରେ । ପିସିବି ଜୀବଜନ୍ତୁଙ୍କ ଚର୍ବିରେ ଜମାହୋଇଥାଏ । ପିସିବି ନନବାଓଡ଼ିଗ୍ରେଡ଼େବଲ୍ ହୋଇଥିବା ହେତୁ ପରିବେଶରେ ଅଧିକ ସମୟ ଧରି ତିଷ୍ଠି ରହିପାରେ ଓ ପାଣି ଅଥବା ଭୂମି ମାଧ୍ୟମରେ ଖାଦ୍ୟ ଶୃଙ୍ଖଳକୁ ପ୍ରବେଶ କରେ । ପିସିବି ପୀଡ଼ିତ ସ୍ଥଳଭାଗ ଓ ଜଳଭାଗରୁ ଉତ୍ପନ୍ନ ଖାଦ୍ୟ ଖାଇଲେ ତାହା ଆମ ଶରୀରକୁ ବ୍ୟାପେ । ପିସିବି ଜଡ଼ିତ ରସାୟନର ବ୍ୟବହାରରୁ ଏହା ତ୍ୱଚା ଓ ଶ୍ୱାସ ମାଧ୍ୟମରେ ବ୍ୟାପିପାରେ ।

### ୯) କୌଣସି ସରଞ୍ଜାମରେ ପିସିବି ଉପସ୍ଥିତ ବୋଲି ଆମେ କେମିତି ଜାଣିବା ?

ଯଦି ଏକ ସରଞ୍ଜାମ ୧୯୮୦ ମସିହା ପୂର୍ବରୁ ଉତ୍ପାଦନ ହୋଇଛି  ଆମେ ସରଞ୍ଜାମର ଟ୍ରେଡ଼ନେମ୍ (ବ୍ୟାବସାୟିକ ନାମ) ଓ ଉତ୍ପାଦନର ମସିହା ଦେଖି ଏହା ଜାଣିପାରିବା । ତେବେ ସେଥିରେ ଏହା ରହିବାର ସମ୍ଭାବନା ଅଛି । ଯଦି କୌଣସି ସୂଚନା ଉପଲବ୍ଧ ନଥାଏ ତେବେ ଯୋଖିମ ଉଠାଇବା କାହିଁକି ? ଆପଣଙ୍କ ବରିଷ୍ଠ କାର୍ଯ୍ୟକର୍ତାଙ୍କୁ ଏହି ପୁସ୍ତିକାଟି ଦେଖାନ୍ତୁ ଓ ପିସିବିକୁ ଲୁପ୍ତ କରୁଥିବା ଅନୁଷ୍ଠାନ ସହ ସମ୍ପର୍କ କରିବା ପାଇଁ ଅନୁରୋଧ କରନ୍ତୁ ।

### ୧୦) ତେବେ ଭାରତର କେଉଁ ଅନୁଷ୍ଠାନ ପିସିବିକୁ ସୁରକ୍ଷିତ ଭାବରେ ଲୁପ୍ତ କରେ ?

କେନ୍ଦ୍ରୀୟ ଉର୍ଜା ଅନୁସନ୍ଧାନ ଅନୁଷ୍ଠାନ (ସିପିଆରଆଇ) ଯାହାକି ଭାରତ ସରକାରଙ୍କର ଉର୍ଜା ମନ୍ତ୍ରାଳୟର ଅନ୍ତର୍ଗତ ଅଟେ । ତାହା ସଂଯୁକ୍ତ ରାଷ୍ଟ୍ର ଉଦ୍ୟୋଗିକ ବିକାଶ ଅନୁଷ୍ଠାନ (ୟୁଏନଆଇଡ଼ିଓ) ଏବଂ ପରିବେଶ, ବଣ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରାଳୟ (ଏମ୍‌ଓଇଏଫ୍ ସିସି) ଦ୍ୱାରା ଏକ ନୋଡ଼ାଲ ଏଜେନ୍‌ସି ଭାବେ ଚିହ୍ନିତ ହୋଇଛି । ଏହି ସଂସ୍ଥାର କାମ ଦେଶରେ ଥିବା ପିସିବିକୁ ଚିହ୍ନିବା ଓ ତାହାକୁ "ପରିବେଶ ସୁରକ୍ଷିତ ପ୍ରଣାଳୀ"(ଇଏସ୍‌ଏମ୍) ରେ ବର୍ଜନ କରିବାପାଇଁ ପଦକ୍ଷେପ ନେବା ଅଟେ ।

### ୧୧) <u>ସି.ପି.ଆର.ଆଇ</u> ର ଭୂମିକା କ'ଣ ?

- ପିସିବିର ହାନିକାରକ ପ୍ରଭାବ ବିଷୟରେ ସଚେତନତା ସୃଷ୍ଟି କରିବା
- ସମସ୍ତ ଉଦ୍ୟୋଗଙ୍କ ସହ ବାର୍ତାଳପ କରି ପିସିବିଯୁକ୍ତ ସରଞ୍ଜାମ ଗୁଡ଼ିକର ଅବସ୍ଥା ଓ ସଂଖ୍ୟା ଆକଳନ କରିବା ।
- ପିସିବିଯୁକ୍ତ ସରଞ୍ଜାମ ବ୍ୟବହାର କରୁଥିବା ସଂସ୍ଥା ଓ କର୍ମଚାରୀଙ୍କୁ ତାହାର ହାନିକାରକ ପ୍ରଭାବ ବିଷୟରେ ସୂଚିତ କରିବା ଓ ପିସିବିଯୁକ୍ତ ଜିନିଷକୁ ସମ୍ଭାଳିବାର ପ୍ରଶିକ୍ଷଣ ଦେବା ।
- ପିସିବିର ଅବକର୍ଷଣ ନିମନ୍ତେ ସମନ୍ୱିତ ପ୍ରଚେଷ୍ଟା ଉପଲକ୍ଷେ ଉଚିତ ଓ ପର୍ଯ୍ୟାପ୍ତ ପଦକ୍ଷେପ ନେବା ।

### ୧୨) ଆମକୁ ପିସିବି ବିଷୟରେ କାହିଁକି ସୂଚିତ କରାଯାଉଛି ?

ଭାରତ, "ସ୍ଥାୟୀ ଜୈବ ପ୍ରଦୂଷକ ଜଡ଼ିତ ଷ୍ଟକ୍‌ହୋମ କନ୍‌ଭେନ୍‌ସନ୍" ନାମିତ ଏକ ଆନ୍ତର୍ଜାତିକ ପରିବେଶ ଚୁକ୍ତିର ସ୍ୱାକ୍ଷରକାରୀ ଅଟେ । ତେଣୁ ଭାରତୀୟ ପରିବେଶରୁ ପିସିବିଭଳି ବିଷାକ୍ତ ଓ ବିପଜ୍ଜନକ ରାସାୟନିକ ପଦାର୍ଥକୁ ଲୁପ୍ତ କରିବା ଆମର ନୈତିକ ଦାୟିତ୍ୱ । ତାହା ନିମନ୍ତେ ଏହି ପୁସ୍ତିକା ମାଧ୍ୟମରେ ଭାରତର ସମସ୍ତ ନାଗରିକଙ୍କୁ ପିସିବି ସମ୍ବନ୍ଧରେ ସଚେତନ କରାଇବା ପାଇଁ ଏହା ଏକ ପ୍ରୟାସ । ଯଦ୍ୱାରା ଆମେ ସମସ୍ତେ ପିସିବିର ଲୁପ୍ତି ପାଇଁ (ସଚେତନତା ସୃଷ୍ଟିକରି ଓ ସୁରକ୍ଷିତ ରହି) ଯୋଗାଦାନ ଦେଇପାରିବା । ତାହା ଫଳରେ ଆମର ଭବିଷ୍ୟତ ବଂଶଧର ପିସିବିର ହାନିକାରକ ପ୍ରଭାବରୁ ସୁରକ୍ଷିତ ଓ ମୁକ୍ତ ହୋଇପାରିବେ ।

### ୧୩) ମୁଁ ଜଣେ ବ୍ୟକ୍ତି, ମୁଁ କେମିତି ସାହାଯ୍ୟ କରିପାରିବି ?

ଆପଣ ବହୁତ କିଛି କରିପାରିବେ । ଆପଣ ଜଣେ ଟେକ୍‌ନିସିଆନ୍ ହୋଇଥାଇ ପାରନ୍ତି ଅଥବା ବୈଦ୍ୟୁତିକ ସରଞ୍ଜାମ ସହ ସଂସ୍ପର୍ଶରେ ଆସୁଥାଇ ପାରନ୍ତି । କାମ ନକରୁଥିବା ସମୟରେ ମଧ୍ୟ ଆପଣ ସବ୍‌ଷ୍ଟେସନ ଅଥବା ୟାଡ଼୍‌ରେ ପୁରୁଣା ସରଞ୍ଜାମ ଦେଖିପାରନ୍ତି । ତତ୍‌ପରେ ଆପଣ ଦାୟୀ କାର୍ଯ୍ୟକର୍ତାଙ୍କୁ ଏହି ପୁସ୍ତିକାଟି ଦେଇପାରିବେ । ୧୯୮୦ ମସିହା ପୂର୍ବରୁ ଉତ୍ପାଦିତ କୌଣସି ବୈଦ୍ୟୁତିକ ଉପକରଣରେ (ଯଥା ଟ୍ରାନ୍‌ସଫରମର) ଥିବା ତୈଳକୁ ଆପଣ ଖାଲି ହାତରେ ଛୁଇଁବେ ନାହିଁ ତାହା ନିଶ୍ଚିତ କରନ୍ତୁ । ଆପଣ ନିଜ ସହ କର୍ମୀ ଅଥବା ମିତ୍ରଙ୍କୁ ଏହି ବିଷୟରେ ସୂଚନାଦେଇ ସଚେତନତା ବିସ୍ତାରିତ କରିପାରିବେ ।

### ୧୪) ସି.ପି.ଆର.ଆଇ କିଭଳି ଭାରତରସବୁ ନାଗରିକଙ୍କୁ ପି.ସି.ବି ହାନିକାରକ ହୋଇଥିବାର ସୂଚନା ଦେଇପାରିବ ଓ ତାହାକୁ ଇ.ଏସ୍.ଏମ୍ ପ୍ରଣାଳୀରେ ପରିଚାଳନା କରିବା ଉଚିତ ବୋଲି ଜଣାଇପାରିବ ?

ଯୋଗାଯୋଗ ମାଧ୍ୟମ ଯଥା

- ସଚେତନତା ସୃଷ୍ଟି କାର୍ଯ୍ୟକ୍ରମ
- ପ୍ରଶିକ୍ଷଣ କାର୍ଯ୍ୟକ୍ରମ
- ଟେଲି ମିଡ଼ିଆ
- ଉଦ୍ୟୋଗଙ୍କୁ ପତ୍ର ଓ ଇ-ମେଲ୍
- ଏହି ପୁସ୍ତିକା

### ୧୫) ଭାରତୀୟ ପରିବେଶରୁ ପିସିବିକୁ ଲୁପ୍ତ କରିବା ନିମନ୍ତେ ସିପିଆରଆଇ କଣ ପଦକ୍ଷେପ ନେଉଛି ?

ଉଦ୍ୟୋଗରେ କାର୍ଯ୍ୟରତ ପିସିବି ଯୁକ୍ତ ସରଞ୍ଜାମର ଚିହ୍ନଟ ଓ ସ୍ଥିତିର ନିରୀକ୍ଷଣ (ସଂଚୟ ପ୍ରଣାଳୀ ଇତ୍ୟାଦି) ।

- ପିସିବିକୁ ସୁରକ୍ଷିତ ଭାବରେ ପରିଚାଳନା କରିବା ନିମନ୍ତେ ଔଦ୍ୟୋଗିକ କର୍ମଚାରୀଙ୍କୁ ପ୍ରଶିକ୍ଷଣଇଏସ୍‌ଏମ୍ ପ୍ରଣାଳୀରେ ପିସିବିକୁ ଅନ୍ତକରିବା ନିମନ୍ତେ ଧ୍ୱଂସ ଅଥବା ପରିଷ୍କରଣ ପ୍ରଣାଳୀର ପ୍ରଯୁକ୍ତି ।

### ୧୬) କୌଣସି ସମୁଦ୍ରଜାତ ଖାଦ୍ୟପଦାର୍ଥ ଅଥବା ପନିପରିବା ଓ ଫଳ ପି.ସି.ବି ଦ୍ୱାରା ଦୂଷିତ ହୋଇଥିବା ଆମେ କେମିତି ଜାଣିବା ?

ଏହା ଜାଣିବାର ସିଧାସଳଖ ପଦ୍ଧତି ନାହିଁ । ରାସାୟନିକ ନିରୀକ୍ଷଣ ହିଁ ଏହା ଜାଣିବାର ଏକମାତ୍ର ମାଧ୍ୟମ । ଭାଗ୍ୟବଶତଃ ପିସିବି ସମ୍ବନ୍ଧୀୟ ସଚେତନତା ବୃଦ୍ଧି ପାଉଛି ଓ ଭାରତୀୟ ପରିବେଶରେ ବୃହତ୍ ଆକାରରେ କୌଣସି କୁପ୍ରଭାବ ଜଣା ପଡ଼ିନାହିଁ ।

### ୧୭) ମୋର ଶରୀରରେ ପି.ସି.ବି ରହିଥିବା ଜାଣିବାପାଇଁ କୌଣସି ପରୀକ୍ଷା ଅଛି କି ?

- ଡାକ୍ତରମାନେ ରକ୍ତ ପରୀକ୍ଷାକରି ପିସିବି ରହିଥିବାର ନିରୀକ୍ଷଣ କରିପାରିବେ । କିନ୍ତୁ ରକ୍ତପରୀକ୍ଷା ବ୍ୟୟସାପେକ୍ଷ ହେବା ସଙ୍ଗେ ସବୁସ୍ଥାନରେ ଉପଲବ୍‌ଧ ହୋଇ ନଥାଇପାରେ ।

### ୧୮) ପି.ସି.ବି ପରିଚାଳନା ସମୟରେ କ'ଣ ସତର୍କତା ପାଳନ କରାଯିବା ଉଚିତ୍ ?

ଗ୍ଲୋଭ, ମାସ୍କ, ଚଷମା, କୋଟ ଓ ଜୋତାଭଳି ସୁରକ୍ଷା ଉପକରଣ (ପିପିଇ) ର ବ୍ୟବହାର କରନ୍ତୁ ।

### ୧୯) ଯଦି ପି.ସି.ବି କ୍ଷରଣ (ଲିକ୍) ହୋଇଥାଏ ତେବେ କ'ଣ କରିବା ଉଚିତ୍ ?

- ସ୍ଥାନରୁ ନିର୍ଦ୍ଦିଷ୍ଟ ସଫାଇ କର୍ମଚାରୀଙ୍କ ଛଡ଼ା ସମସ୍ତଙ୍କୁ ଦୂର କରିଦେଇ ଘେରାଇ କରିଦିଅନ୍ତୁ ।
- ଅବଶୋଷକ ପଦାର୍ଥଦ୍ୱାରା ଝରି ଯାଇଥିବା ତୈଳକୁ ଶୋଷି ନିଅନ୍ତୁ । ଏହି ପଦାର୍ଥସହ ସିଧାସଳଖ ସଂସ୍ପର୍ଶରେ ଆସନ୍ତୁ ନାହିଁ ।
- ପିସିବିକୁ ନିଷ୍କାସିତଜଳ ସହ ମିଶିବାକୁ ଦିଅନ୍ତୁ ନାହିଁ ।
- ଜୈବଦ୍ରାବକ (କିରୋସିନ) ପ୍ରୟୋଗକରି ଅବର୍ଜନୀୟ ସାମଗ୍ରୀକୁ ପୋଛି ଦିଅନ୍ତୁ । କପଡ଼ା, କାଠ ଓ କଙ୍କ୍ରିଟ୍ ଇତ୍ୟାଦି ପିସିବିକୁ ଶୋଷିନେଉଥିବାରୁ ପୂର୍ଣ୍ଣ ରୂପେ ସଫାହୋଇାପାରିବ ନାହିଁ ।
- ସଫା କରିବାରେ ଲାଗିଥିବା ସାମଗ୍ରୀ ଓ ପ୍ରଦୂଷିତ ପଦାର୍ଥ (ଯଥା ଅବଶୋଷଣ ପଦାର୍ଥ, ନଷ୍ଟ ହୋଇଥିବା ସରଞ୍ଜାମ, ସୁରକ୍ଷାବସ୍ତ୍ର ଇତ୍ୟାଦିଙ୍କୁ ଖବର କାଗଜରେ ଗୁଡ଼ାଇ ଦୁଇ ପରସ୍ତ ମୋଟା ପ୍ଲାଷ୍ଟିକ୍ ବ୍ୟାଗ୍‌ରେ ବନ୍ଦ କରିଦିଅନ୍ତୁ ।
- ସିପିଆରଆଇ ସହ ଯୋଗାଯୋଗ କରନ୍ତୁ

### ୨୦) ସି.ପି.ଆର.ଆଇକୁ ଏହି କାର୍ଯ୍ୟରୁ କଣ ଲାଭ ମିଳିବ ?

- ସିପ୍ରିଆରଆଇ ଭାରତ ସରକାରଙ୍କର ଏକ ଅନୁଷ୍ଠାନ ହୋଇଥିବାରୁ ଲାଭ ପାଇଁ କାମ କରେ ନାହିଁ । ସିପିଆରଆଇ, ଏମ୍ ଓ ଇଏଫସିସି, ୟୁ ଏନ୍‌ଆଇ, ଡ଼ିଓ ଜାତୀୟ ଓ ଆନ୍ତର୍ଜାତୀୟ ପରିବେଶର ସୁରକ୍ଷା ଓ ସଂରକ୍ଷଣ ନିମନ୍ତେ ଏକତ୍ର ଭାବରେ କାମ କରୁଛନ୍ତି ।

## ପିସିବି ମୁକ୍ତ ଭାରତ ଆମର ଲକ୍ଷ୍ୟ । ଏହି ଅଭିଯାନରେ ଆମକୁ ସହଯୋଗ କରନ୍ତୁ ।.

**ଯଦି ଆପଣ ଅନ୍ୟ ପ୍ରଶ୍ନ କରିବାକୁ ଚାହାନ୍ତି ଅଥବା କୌଣସି ସ୍ଥାନରେ ପିସିବି ରହିଥିବା ସନ୍ଦେହ କରନ୍ତି ତେବେ ନିମ୍ନଲିଖିତଙ୍କୁ ଜଣାନ୍ତୁ:**


Joint Director & Head,
PCB Cell, Dielectric Materials Division,
Central Power Research Institute

PB No. 8066, Sir C.V. Raman Road, Bangalore–560 080
Ph No.: 080 – 2360 0412, 080 – 2360 3527,
Email: vvpattan@cpri.in, parvati@cpri.in, pcbgroup@cpri.in